# NATIONAL NEWS BULLETIN (ODIA)

## 3 July - 2025

## Evening Bulletin : 7.15 p.m.

**************************************

## ମୁଖ୍ୟ ସମ୍ବାଦ

- ଘାନାର ସଂସଦକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

– ବିଶ୍ୱ ଶାସନରେ ସଂସ୍କାର ଆଣିବା ପାଇଁ କଲେ ଆହ୍ୱାନ

– ସଫଳ ଘାନା ଗସ୍ତ ଶେଷ କରି ତ୍ରିନିଦାଦ ଟବାଗୋ ଅଭିମୁଖେ ଯାତ୍ରା କଲେ ପ୍ରଧାନମନ୍ତ୍ରୀ

- ଆଞ୍ଚଳିକ ସଂଯୋଗୀକରଣ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଲେ ସଡ଼କ ଓ ପରିବହନ ମନ୍ତ୍ରୀ
- ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଗବେଷଣାରତ ଶୁଭାଂଶୁ ଶୁକ୍ଳା; ଏକ ବ୍ଲଗ୍ ପୋଷ୍ଟରେ ନାସାର ସୂଚନା
- ଆଜିଠାରୁ ଆରମ୍ଭ ହେଲା ପବିତ୍ର ଅମରନାଥ ଯାତ୍ରା

ଏବଂ

- ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତର ବ୍ୟାଟିଂ ଜାରି

# ପ୍ରଧାନମନ୍ତ୍ରୀ- ଘାନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ପଞ୍ଚରାଷ୍ଟ୍ରୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଘାନା ଗସ୍ତ ଶେଷ କରି ଆଜି ତ୍ରିନିଦାଦ ଏବଂ ଟୋବାଗୋ ଅଭିମୁଖେ ଯାତ୍ରା କରିଛନ୍ତି। ଶ୍ରୀ ମୋଦୀ ଆଜି ରାଜଧାନୀ ଆକ୍ରାରେ ଘାନା ସଂସଦକୁ ସମ୍ବୋଧିତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଏବଂ ଘାନା ମଧ୍ୟରେ ସମ୍ପର୍କର କୌଣସି ସୀମା ନାହିଁ। ଦୁଇ ରାଷ୍ଟ୍ର ମଧ୍ୟରେ ବନ୍ଧୁତା ସପୁରୀଠାରୁ ମଧ ମଧୁରୀ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଭାରତକୁ ଗଣତନ୍ତ୍ରର ଜନନୀ ଭାବେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି,

**V/O-PM-Democracy**

ଘାନାର ସଂସଦକୁ ସମ୍ବୋଧିତ କରିବାରେ କେବଳ କିଛି ବିଶ୍ୱ ନେତାଙ୍କ ମଧ୍ୟରେ ଶ୍ରୀ ମୋଦୀ ସ୍ଥାନ ପାଇଛନ୍ତି। ବିଶ୍ୱବ୍ୟାପୀ ବିଦେଶୀ ସଂସଦକୁ ରେକର୍ଡ ୧୪ଟି ଅଭିଭାଷଣ ଦେବା ପରେ ଘାନା ସଂସଦକୁ ଶ୍ରୀ ମୋଦୀଙ୍କର ଏହା ପଞ୍ଚଦଶ ଅଭିଭାଷଣ। ପୂର୍ବରୁ ଆଜି ଶ୍ରୀ ମୋଦୀ ଘାନାର ଉପରାଷ୍ଟ୍ରପତି ଜେନ୍ ନାନା ଓପୋକୁ- ଆଗ୍ୟେମାଙ୍ଗଙ୍କ ସହିତ ଆକ୍ରାର କ୍ୱାମେ ଏନ୍‌କ୍ରୁମାଃ ସ୍ମାରକୀ ପାର୍କ ପରିଦର୍ଶନ କରିଥିଲେ। ସେ ଘାନାର ଗଣତନ୍ତ୍ର ମର୍ଯ୍ୟାଦା ଏବଂ ସ୍ଥିରତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଡକ୍ଟର କ୍ୱାମେ ଏନ୍‌କ୍ରୁମାଃଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ପ୍ରଧାନମନ୍ତ୍ରୀ ଦକ୍ଷିଣ ଗୋଲାର୍ଦ୍ଧର ଦେଶଗୁଡ଼ିକୁ ବିଶ୍ୱସ୍ତରରେ ପ୍ରଭାବଶାଳୀ କରିବା ପାଇଁ ବିଶ୍ୱଶାସନରେ ଉପଯୁକ୍ତ ସଂସ୍କାର ପାଇଁ ଆହ୍ୱାନ କରିଥିଲେ। ଭାରତର ଜି-୨୦ ଦୃଷ୍ଟିକୋଣ ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ ବିଷୟରେ ମଧ୍ୟ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ।

ସେ ସ୍ଥାୟୀ ଜୀବନ ଏବଂ ବିଶ୍ୱ ପଦକ୍ଷେପ ପାଇଁ 'ମିଶନ ଲାଇଫ୍'ର ଅବତାରଣ କରିଥିଲେ। 'ଏକ ବିଶ୍ୱ, ଏକ ସୂର୍ଯ୍ୟ, ଏକ ଗ୍ରୀଡ୍, ଏକ ବିଶ୍ୱ, ଏକ ସ୍ୱାସ୍ଥ୍ୟ' ଆନ୍ତର୍ଜାତୀୟ ସୌର ମେଣ୍ଟ, ଆନ୍ତର୍ଜାତୀୟ ବିଗ୍ କ୍ୟାଟ ମେଣ୍ଟ, ବୈଶ୍ୱିକ ଜୈବ ଇନ୍ଧନ ମେଣ୍ଟ ସମ୍ପର୍କରେ ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ। ସେ ଘାନାର ସାଂସଦମାନଙ୍କୁ ଭାରତର ନୂତନ ସଂସଦକୁ ଆମନ୍ତ୍ରଣ କରିଥିଲେ। ଯେଉଁଠାରେ ଏକ ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ। ଶ୍ରୀ ମୋଦୀ ସେମାନଙ୍କୁ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ପରିଭାଷିତ କରୁଥିବା ବିତର୍କର ସାକ୍ଷୀ ହେବାକୁ ଆହ୍ୱାନ କରିଥିଲେ। ମହାକାଶ କ୍ଷେତ୍ରରେ ଭାରତର ଅନେକ ବିରଳ କୃତିତ୍ୱ ସହ ଘାନା ଯୋଡ଼ି ହୋଇ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି...

**V/O– PM INDIA-AFRICA-CONGRESS**

ପ୍ରଧାନମନ୍ତ୍ରୀ ମୋଦୀ ଭାରତର ବିବିଧତା ଭରା ରାଜନୈତିକ ପରିଦୃଶ୍ୟ ସମ୍ପର୍କରେ ଘାନା ସଂସଦକୁ ଅବଗତ କରାଇଥିଲେ। ଦେଶର ଜନସଂଖ୍ୟାଗତ ଲାଭାଂଶ ଉପରେ ଶ୍ରୀ ମୋଦୀ ଆଲୋକପାତ କରିବା ସହ ଏହା ବିଶ୍ୱର ତୃତୀୟ ବୃହତ ଷ୍ଟାର୍ଟଅପ୍-ଇକୋସିଷ୍ଟମ ଏବଂ ବିଶ୍ୱର ଔଷଧାଳୟ ଭାବେ ପରିଚିତ ଭାରତକୁ ଶକ୍ତି ପ୍ରଦାନ କରୁଛି ବୋଲି କହିଛନ୍ତି।

ଏ ସମ୍ପର୍କରେ ଏକ ରିପୋର୍ଟ...

*ଘାନାର ସଂସଦ ଭବନ ଆଜି ଚଳଚଞ୍ଚଳ ରହିଥିଲା। ଅନେକ ସାଂସଦ ଭାରତୀୟ ପୋଷାକ ପିନ୍ଧିଥିଲେ। ପ୍ରଧାନମନ୍ତ୍ରୀଙ୍କ ମିଳିତ ଔପନିବେଶିକ ଅତୀତକୁ ଶ୍ରଦ୍ଧାଞ୍ଜଳି  ଅର୍ପଣ କରିବା ପରେ ସାଂସଦମାନେ କରତାଳି ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ଯେତେବେଳେ ଭାରତରେ ୨ ହଜାର ୫୦୦ ରାଜନୈତିକ ଦଳ ବିଷୟରେ କହିଲେ, ସେତେବେଳେ ଘାନାର ସଂସଦ ଭବନରେ ହାସ୍ୟରୋଳ ପରିଲକ୍ଷିତ ହୋଇଥିଲା। ପ୍ରଧାନମନ୍ତ୍ରୀ  ଶ୍ରୀ ମୋଦୀ ଘାନାକୁ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ କେନ୍ଦ୍ରର ସମ୍ଭାବନା ଭାବେ ଅଭିହିତ କରିଥିଲେ। ଆମେ ଆମର ସମୃଦ୍ଧ ଐତିହ୍ୟରୁ ଶକ୍ତି ଏବଂ ପ୍ରେରଣା ପାଉ ବୋଲି ପ୍ରଧାନମନ୍ତ୍ରୀ କହିବା ସହ କଥାରେ ସୀମିତ ନ ରହି କାର୍ଯ୍ୟରେ ପରିଣତ କରିବ ଦେଖାଇବାକୁ ସେଠାକାର ସାଂସଦମାନଙ୍କୁ ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ*

*ଅଭିଭାଷଣ ଭାରତ–ଘାନା ସହଭାଗିତା ଏବଂ କାର୍ଯ୍ୟସୂଚୀ-୨୦୬୩ ପାଇଁ ସମର୍ଥନ ଉପରେ ଗୁରୁତ୍ୱାରୋପ କରିବା ସହ  ଉଭୟଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତର ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।*

*ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ଆଦିତ୍ୟ ନାରାୟଣ ଦାଶ*

## ଝାଡ଼ଖଣ୍ଡ–ନୀତିନ ଗଡ଼କରୀ

ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଆଜି ଝାଡ଼ଖଣ୍ଡର ଗଡ଼ୱାରେ ୨ ହଜାର ୪୫୬ କୋଟି ଟଙ୍କାର ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ଗଡ଼କରୀ କହିଛନ୍ତି, ଝାଡ଼ଖଣ୍ଡରେ ୨ ଲକ୍ଷ କୋଟି ଟଙ୍କାର ରାଜପଥ ପ୍ରକଳ୍ପ କାର୍ଯ୍ୟକାରୀ ହେବା ସହ ଦ୍ରୁତ ବିକାଶକୁ ସୁନିଶ୍ଚିତ କରାଯିବ । ରାଞ୍ଚିରେ ୫୬୦ କୋଟି ଟଙ୍କାର ଏକ ଏଲିଭେଟେଡ୍ କରିଡର ସମେତ ୬ ହଜାର ୩୫୦ କୋଟି ଟଙ୍କାର ୧୧ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଗଡ଼ୱାରେ ଏକ ଜନସଭାକୁ ସମ୍ବୋଧିତ କରି ଶ୍ରୀ ଗଡ଼କରୀ କହିଛନ୍ତି, ରାଜ୍ୟରେ ୪୦ ହଜାର କୋଟି ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ୭୦ ହଜାର କୋଟି ଟଙ୍କା ରାଜପଥ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ମନ୍ତ୍ରୀ ୩୮ ହଜାର କୋଟି ଟଙ୍କାର ବରଣାସୀ-ରାଞ୍ଚି-କୋଲକାତା ରୁଟ୍ ଭଳି ପ୍ରମୁଖ କରିଡର ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଝାଡ଼ଖଣ୍ଡରେ ଜାତୀୟ ରାଜପଥ ନେଟୱର୍କ-୨୦୧୪ରେ ୨ ହଜାର ୬୦୦ କିଲୋମିଟରରୁ ୪

ହଜାର ୪୭୦ କିଲୋମିଟରକୁ ବିସ୍ତାରିତ ହୋଇଛି। ସେ ଆଞ୍ଚଳିକ ସଂଯୋଗୀକରଣ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି।

## ଆକ୍ସିଓମ-୪ ଷ୍ଟଡି

ଆର୍ନ୍ତଜାତୀୟ ମହାକାଶ କେନ୍ଦ୍ରରେ ପ୍ରଥମ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ପୃଥିବୀର କକ୍ଷପଥ ପ୍ରୟୋଗଶାଳାରେ ଏକ ମସ୍ତିଷ୍କ କମ୍ପ୍ୟୁଟର ଇଣ୍ଟରଫେସ୍ ବିକଶିତ କରିବା ପାଇଁ କାମ କରୁଛନ୍ତି। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ଏକ ବ୍ଲଗ୍ ପୋଷ୍ଟରେ ଏହି ସୂଚନା ଦେଇଛି। ଲକ୍ଷ୍ନୌରେ ଜନ୍ମିତ ଶୁକ୍ଳା ଆମେରିକା, ପୋଲାଣ୍ଡ ଏବଂ ହଙ୍ଗେରୀର ଅନ୍ୟ ତିନିଜଣ ମହାକାଶଚାରୀଙ୍କ ସହିତ ଆକ୍ସିଓମ୍-୪ ମିଶନର ଅଂଶସ୍ୱରୂପ ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୧୪ ଦିନିଆ ବୈଜ୍ଞାନିକ ଅଭିଯାନରେ ଅଛନ୍ତି।

## ଅମରନାଥ ଯାତ୍ରା

ଆଜିଠାରୁ ୩୮ ଦିନିଆ ବାର୍ଷିକ ଅମରନାଥ ଯାତ୍ରା ଦକ୍ଷିଣ କାଶ୍ମୀରୀର ଅନନ୍ତନାଗ ଜିଲ୍ଲାର ପହଲଗାମ ଏବଂ ମଧ୍ୟ କାଶ୍ମୀରର ଗନ୍ଦରବାଲ ଜିଲ୍ଲାର ବାଲତାଲରୁ ଆରମ୍ଭ ହୋଇଛି। ଉଭୟ ରୁଟ୍‌ରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଯାତ୍ରା ଆରମ୍ଭ ହୋଇଥିଲା।  ହିମାଳୟ ପର୍ବତ୍ୟାଞ୍ଚଳରେ ଥିବା

କାଶ୍ମିରୀ ଅଞ୍ଚଳରେ ୧୨ ହଜାର ୭୫୬ ଫୁଟ୍ ଉଚ୍ଚତାରେ ଅବସ୍ଥିତ ପବିତ୍ର ଅମରନାଥ ଗୁମ୍ଫା ବରଫ ଶିବଲିଙ୍ଗ ପାଇଁ ପ୍ରସିଦ୍ଧ।

## ଉତ୍ତରାଖଣ୍ଡ-ଚାରଧାମ ଯାତ୍ରା

ଉତ୍ତରାଖଣ୍ଡରେ ପ୍ରବଳ ବର୍ଷାଜନିତ ଭୂସ୍ଖଳନ ଯୋଗୁଁ ଚାରଧାମ ଯାତ୍ରା ପଥରେ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗତ ରାତିରୁ ସୋନ୍‌ପ୍ରୟାଗଠାରେ ଅଟକି ରହିଥିବା ୪୦ରୁ ଅଧିକ କେଦାରନାଥ ତୀର୍ଥଯାତ୍ରୀଙ୍କୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବାହିନୀ–ଏସ୍.ଡି.ଆର୍.ଏଫ୍. ସୁରକ୍ଷିତ ସ୍ଥାନାନ୍ତର କରିଛନ୍ତି। ଚାରିଧାମ ଯାତ୍ରା ପଥ ଏବେ ବି ଅବରୋଧିତ ରହିଛି। ଏହାକୁ ପୁନଃ ଖୋଲିବା ପାଇଁ ପ୍ରୟାସ ଜାରି ରହିଛି। ତୀର୍ଥଯାତ୍ରା ବର୍ତ୍ତମାନ ବନ୍ଦ ରହିଛି ଏବଂ ଶ୍ରଦ୍ଧାଳୁମାନଙ୍କୁ ସୋନପ୍ରୟାଗରେ ସୁରକ୍ଷିତ ରଖାଯାଇଛି। ଗୌରୀକୁଣ୍ଡ, ଉୁମତା ନିକଟରେ ବଦ୍ରିନାଥ, ଭଟୱାରୀରେ ଗଙ୍ଗୋତ୍ରୀ ଏବଂ ସିଲାଇ ବନ୍ଦ, ଓଜରି ଏବଂ ବନାସରେ ଯମୁନୋତ୍ରୀକୁ ଯିବା ପାଇଁ ରାସ୍ତା ଅବରୋଧ ହୋଇଛି। ସମଗ୍ର ରାଜ୍ୟରେ ୧୦୦ରୁ ଅଧିକ ଗ୍ରାମୀଣ ରାସ୍ତା ମଧ୍ୟ ବନ୍ଦ ଅଛି। ସମସ୍ତ ରାସ୍ତାକୁ ପୁନରୁଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି। ପାଣିପାଗ ବିଭାଗ ଆଗାମୀ ଦୁଇ ଦିନ ମଧ୍ୟରେ ଆହୁରି ବର୍ଷା ହେବାର ପୂର୍ବନୁମାନ କରିଛି।

## ମଷ୍ଟ ଆନାଉନ୍ସମେଣ୍ଟ- ଜ୍ୟୋତିରାଦିତ୍ୟ ସିନ୍ଧିଆ

କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି, ଇଣ୍ଡିଆ ପୋଷ୍ଟ ଏକ ବୃହତ ପ୍ରଯୁକ୍ତିବିଦ୍ୟା ରୂପାନ୍ତରଣ ଦେଇ ଗତି କରୁଛି। ଆକାଶବାଣୀ ନ୍ୟୁଜ୍ ସହ ଏକ ସ୍ୱତନ୍ତ୍ର ସାକ୍ଷାତାକାରରେ ମନ୍ତ୍ରୀ କହିଛନ୍ତି, ପ୍ରଥମଥର ପାଇଁ ସଂଗଠନରେ ଜଣେ ମୁଖ୍ୟ ପ୍ରଯୁକ୍ତିବିଦ୍ୟା ଅଧିକାରୀ ସି.ଟି.ଓ.ଙ୍କୁ ନିଯୁକ୍ତ କରାଯାଇଛି। ସେ କହିଛନ୍ତି, ସି.ଟି.ଓ. ଇଣ୍ଡିଆ ପୋଷ୍ଟ ମଧ୍ୟରେ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ବିକାଶ ପାଇଁ କାର୍ଯ୍ୟ କରିବ।

ଆକାଶବାଣୀ ସହ ମନ୍ତ୍ରୀଙ୍କ ଏହି ସ୍ୱତନ୍ତ୍ର ସାକ୍ଷାତକାର ଆଜି ରାତି ସାଢ଼େ ୯ଟାରେ ୧୦୦.୧, ଆକାଶବାଣୀ ଏଫ୍.ଏମ୍. ଗୋଲ୍ଡ ଚ୍ୟାନେଲ ଏବଂ ଆକାଶବାଣୀର ଅତିରିକ୍ତ ଫ୍ରିକ୍ୱେନ୍ସିଗୁଡ଼ିକରେ ପ୍ରସାରଣ ହେବ। ଏହି ସାକ୍ଷାତକାର ଆମର ୟୁଟ୍ୟୁବ ଚ୍ୟାନେଲରେ ମଧ୍ୟ ସିଧାପ୍ରସାରଣ ହେବ।

## ଓଡ଼ିଶା-ଫ୍ଲଡ

ଓଡ଼ିଶାରେ ବନ୍ୟା ସ୍ଥିତିରେ ସୁଧାର ଆସିଛି। ସୁବର୍ଣ୍ଣରେଖା ଏବଂ ବୁଢ଼ାବଳଙ୍ଗ ସମେତ ଅନେକ ନଦୀର ଜଳସ୍ତର ହ୍ରାସ ପାଇବା ସହିତ ବାଲେଶ୍ୱର, ମୟୂରଭଞ୍ଜ ଏବଂ ଯାଜପୁର ଜିଲ୍ଲାରେ ମଧ୍ୟ ସ୍ଥିତିରେ ଉନ୍ନତି

ପରିଲକ୍ଷିତ ହୋଇଛି। ଉଭୟ ନଦୀ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ବାଲେଶ୍ୱର ଜିଲ୍ଲାରେ ବନ୍ୟା ଯୋଗୁଁ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବାଲେଶ୍ୱରର ଉତ୍ତର ଭାଗରେ ଥିବା ୬୦ଟି ଗାଁର ଲୋକମାନେ ପ୍ରବଳ ବର୍ଷା ଯୋଗୁଁ ଜଳବନ୍ଦୀ ହୋଇ ରହିଛନ୍ତି। ପଡ଼ୋଶୀ ଝାଡ଼ଖଣ୍ଡର ଡ୍ୟାମରୁ ପାଣି ଛଡ଼ାଯିବା ଯୋଗୁଁ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି।

## ଇଣ୍ଡିଆ-ଇଂଲଣ୍ଡ ସେକେଣ୍ଡ ଟେଷ୍ଟ

ବର୍ମିଂହମର ଏଜ୍‌ବାଷ୍ଟନ ଠାରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ' ଇଂଲଣ୍ଡ ବିପକ୍ଷରେ ୬ ଓ୍ୱିକେଟ ହରାଇ ୪୯୬ ରନ୍ ସଂଗ୍ରହ କରିଛି । ଅଧିନାୟକ ଶୁଭମନ ଗିଲ୍ ୨୨୨ରନ୍ ଏବଂ ଓ୍ୱାଶିଂଟନ ସୁନ୍ଦର ୨୩ ରନ୍ କରି ଅପରାଜିତ ଅଛନ୍ତି। ରବିନ୍ଦ୍ର ଜାଡେଜା ଆଜି ୮୯ ରନ୍ କରି ଆଉଟ୍ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ ଓ୍ୱକ୍ସ ଦୁଇଟି ଓ୍ୱିକେଟ୍ ଅକ୍ତିଆର କରିଥିବାବେଳେ ବ୍ରାଏଡନ୍ କାସ, ଜସ୍ ଟଙ୍ଗ୍, ବେନ୍ ଷ୍ଟୋକ୍ସ ଏବଂ ସୋଏବ ବସିର ପ୍ରତ୍ୟେକ ଗୋଟିଏ ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଛନ୍ତି।